## ହୀରାକୁଦ ବିଶେଷଜ୍ଞ କମିଟିରୁ ଶିକ୍ଷା

ହୀରାକୁଦ ଜଳଭଣ୍ଡାରର ଜଳ-ଉପଯୋଗର ବିଭିନ୍ନ ଦିଗକୁ ସବିଶେଷ ଅନୁଧ୍ୟାନ କରି ନିଜର ସୁପାରିଶ୍ ଦେବା ସକାଶେ ରାଜ୍ୟ ସରକାରଙ୍କ ଦ୍ୱାରା କେନ୍ଦ୍ରୀୟ ଜଳ କମିଶନ୍‌ର ଅବସରପ୍ରାପ୍ତ ଅଧ୍ୟକ୍ଷ ଇଞ୍ଜିନିଅର୍ ଶ୍ରୀ ଆର୍.ଜେୟାଶୀଲାନ୍‌ଙ୍କ ଅଧ୍ୟକ୍ଷତାରେ ଗଠିତ ଉଚ୍ଚସ୍ତରୀୟ ବୈଷୟିକ କମିଟି ଗତ ଅଗଷ୍ଟ ମାସରେ ଯେଉଁ ରିପୋର୍ଟ ପ୍ରଦାନ କରିଛନ୍ତି ଏବଂ ଯାହାକି ସାରା ରାଜ୍ୟରେ ବର୍ତ୍ତମାନ ବ୍ୟାପକ ଚର୍ଚ୍ଚାର ଏକ ମୁଖ୍ୟ ପ୍ରସଙ୍ଗ ହୋଇପଡିଛି, ତାହା ଓଡିଶା ସରକାରଙ୍କ ଜଳସମ୍ପଦ ବିଭାଗର ୱେବ୍‌ସାଇଟ୍‌ର 'ନିଉଜ୍' ଲିଙ୍କ୍ ଅଧୀନରେ ଉପଲବ୍ଧ । ମନେହୁଏ ଅନେକ ଟିପ୍‌ପଣୀକାର ଏହାକୁ ଠିକ୍‌ରୂପେ ଠାବ କରିପାରିନଥିବାରୁ ସେମାନଙ୍କ ଭିତରୁ କେତେଜଣ ଏହା ଉପରେ ନିଜର ସୁଚିନ୍ତିତ ମନ୍ତବ୍ୟ ପ୍ରଦାନ କରିବାରୁ ଜାଣିଶୁଣି କ୍ଷାନ୍ତ ରହୁଛନ୍ତି, ଏବଂ ଆଉ କେତେଜଣ ନିଜସ୍ୱ ଅନୁମାନ ଉପରେ ନିର୍ଭର କରି ମନ୍ତବ୍ୟ ଦେଇଚାଲିଛନ୍ତି, ଯାହାକି ଏହି ରିପୋର୍ଟର ଅସଲ ନିର୍ଯ୍ୟାସ ସମ୍ବନ୍ଧରେ ଜନମାନସରେ କେବଳ ବିଭ୍ରାନ୍ତି ସୃଷ୍ଟି କରିଚାଲିଛି । କିନ୍ତୁ କେବଳ ହୀରାକୁଦ ପ୍ରଭାବ କ୍ଷେତ୍ର (ସମ୍ବଲପୁର, ବରଗଡ, ବଲାଙ୍ଗୀର ଓ ସୋନପୁର) ଦୃଷ୍ଟିରୁ ନୁହେଁ, ସମଗ୍ର ମହାନଦୀ ଅବବାହିକା, ଯାହା କି ରାଜ୍ୟର ୩୦ ଜିଲ୍ଲାରୁ ୨୩ଟିରେ ଥିବା ମୋଟ ୧ କୋଟି ୬୨ଲକ୍ଷ ଲୋକଙ୍କ ଜୀବନ-ପ୍ରବାହକୁ ବର୍ଷତମାମ ପ୍ରଭାବିତ କରିଥାଏ, ସେ ଦୃଷ୍ଟିରୁ ତାତ୍ପର୍ଯ୍ୟ ବହନ କରିଥିବା ଏହି ନାତିଦୀର୍ଘ ଅଥଚ ଅର୍ଥଭାରୀ ରିପୋର୍ଟର ବ୍ୟାପକ ତର୍ଜମା ଆବଶ୍ୟକ । ଏହି ଲେଖକ ଜଣେ ଜଳ ବିଶାରଦ୍ ନୁହଁନ୍ତି, ତେଣୁ ରିପୋର୍ଟରେ ପରିବେଷିତ ହୋଇଥିବା ଜଳତାତ୍ତ୍ୱିକ ପରିସଂଖ୍ୟାନ କି ବ୍ୟାଖ୍ୟା ଉପରେ ମତାମତ ନଦେଇ କେବଳ ଜଣେ ସମାଜ-କର୍ମୀ ହିସାବରେ ଏହି ରିପୋର୍ଟ ପ୍ରସ୍ତୁତି ପାଇଁ ତଥ୍ୟ ସଂଗ୍ରହର ପଦ୍ଧତି ଏବଂ ଘୋଷିତ ବିଷୟ-ସୂଚୀ ସହିତ ଏହାର ସୁପାରିଶ୍‌ର ସଂଗତିଶୀଳତା ସମ୍ବନ୍ଧରେ ନିଜର ଆଲୋଚନାକୁ ସୀମିତ ରଖିବାକୁ ଚାହାଁନ୍ତି ।

### କମିଟିର ଉଦ୍ଭଟ ପ୍ରସଙ୍ଗ-ସୂଚୀ

୨୨ ଜୁନ୍ ୨୦୦୭ରେ ରାଜ୍ୟସରକାରଙ୍କ ବିଜ୍ଞପ୍ତି କ୍ରମେ ଏହି ଉଚ୍ଚସ୍ତରୀୟ କମିଟିକୁ ଯେଉଁ ୮ ଦଫା ପ୍ରସଙ୍ଗ-ସୂଚୀ ଅନୁଧ୍ୟାନ ପାଇଁ ଦିଆଯାଇଥିଲା, ତା'ର ପ୍ରଥମ ବିନ୍ଦୁ ଥିଲା, ଶିଳ୍ପସଂସ୍ଥାମାନଙ୍କୁ ହୀରାକୁଦ ଜଳଭଣ୍ଡାରରୁ ଜଳଯୋଗାଣ ଫଳରେ ଜଳସେଚନ ବାଧାପ୍ରାପ୍ତ ହେଉଛି କି ନାହିଁ ସେ ସମ୍ବନ୍ଧରେ ଚାଷୀସଂଗଠନମାନଙ୍କର ବକ୍ତବ୍ୟ ଶୁଣିବା । ଶେଷ ବିନ୍ଦୁ ମଧ୍ୟ ଥିଲା ଅନୁରୂପ, ଯଥା, ପାଣିପଞ୍ଚାୟତମାନଙ୍କ ସମେତ ଅନ୍ୟ ଦାବୀଦାର ଗୋଷ୍ଠୀଙ୍କ ସହ ବ୍ୟାପକ ଆଳାପ-ଆଲୋଚନା କରି ସେମାନଙ୍କର ମତାମତ ଉପରେ ନିଜର ସୁଚିନ୍ତିତ ବିଚାର ପ୍ରକାଶ କରିବା । କିନ୍ତୁ ବିଷୟସୂଚୀର ଅନ୍ୟ ୬ଟି ବିନ୍ଦୁ ପଢିଲେ ଜଣେ ସାଧାରଣ ପାଠକର ମନେ ହେବ, ସରକାର ଧରିନେଇଛନ୍ତି ଶିଳ୍ପସଂସ୍ଥାମାନଙ୍କୁ ଆଗଭଳି ଜଳଭଣ୍ଡାରରୁ ପାଣି ଯୋଗାଇଦିଆଯିବ ଏବଂ ସେଥିପାଇଁ କିକି ସର୍ତ୍ତାବଳୀ ଲାଗୁ କରାଯିବ, ତାହା କେବଳ କମିଟି ସୁପାରିଶ୍ କରିବେ । ଯେପରିକି ବିନ୍ଦୁ-୨ରେ କୁହାଯାଇଛି, ଯେଉଁସବୁ ଶିଳ୍ପସଂସ୍ଥାମାନଙ୍କୁ ସରକାର ଜଳଯୋଗାଣ କରିଚାଲିଛନ୍ତି ଓ ପୁଣି ଯେଉଁ ଶିଳ୍ପସଂସ୍ଥାମାନଙ୍କର ଜଳ-ଉଠାଣ ଆବେଦନକୁ ସରକାର ନୀତିଗତ ମଞ୍ଜୁରି ଦେଇସାରିଛନ୍ତି, ସେମାନଙ୍କ ଭିତରୁ ପ୍ରତ୍ୟେକଙ୍କୁ ଜଳଭଣ୍ଡାରର କେଉଁ ନିର୍ଦ୍ଦିଷ୍ଟ ସ୍ଥାନରୁ ଜଳଯୋଗଣ କରାଯିବ, ତାହା କମିଟି ସୁପାରିଶ୍ କରିବେ । ଏଠାରେ ଅବଶ୍ୟ ସୂଚନାଯୋଗ୍ୟ ଯେ, କମିଟିଙ୍କ କହିବା ଅନୁଯାୟୀ, ଅଦ୍ୟାବଧି ୧୫ଟି ଶିଳ୍ପସଂସ୍ଥାଙ୍କୁ ଜଳଯୋଗାଣ କରାଯାଉଛି ଏବଂ ଆଉ ୫ଟି ସଂସ୍ଥା ଏଥିପାଇଁ ଆବେଦନ କରିଛନ୍ତି (ଅନୁଚ୍ଛେଦ- ୪.୪.୨) ଏବଂ ତହିଁର ଏକ ସବିଶେଷ ତାଲିକା ଏହି ରିପୋର୍ଟର ଟେବୁଲ୍-୧୩ରେ ପରିବେଷଣ କରାଗଲା (ଅନୁଚ୍ଛେଦ-୪.୪.୧), ଅଥଚ ଏହି ତାଲିକା ସମଗ୍ର ରିପୋର୍ଟ ଭିତରେ କେଉଁଠି ଦୃଶ୍ୟମାନ ନୁହେଁ । ଯାହାହେଉ, କମିଟିର ଅନୁଧ୍ୟାନ ପାଇଁ ସରକାର ପ୍ରସଙ୍ଗ-ସୂଚୀକୁ ଏଭଳି ପ୍ରସ୍ତୁତ କରିଥିଲେ ଯେ, ଚାଷୀସଂଗଠନ କି ପାଣିପଞ୍ଚାୟତମାନେ ଯାହା କୁହନ୍ତୁ ନା କାହିଁକି, ଶିଳ୍ପସଂସ୍ଥାମାନଙ୍କୁ ଅଲବତ୍ ହୀରାକୁଦ ଜଳଭଣ୍ଡାରରୁ ପାଣି ଯୋଗାଇବାକୁ ପଡିବ, କେବଳ ତହିଁର ସର୍ତ୍ତାବଳୀ ବିଷୟରେ କମିଟି ସୁପାରିଶ୍ କରିପାରନ୍ତି । ଏବଂ ଲକ୍ଷ୍ୟ କରାଗଲା, 'କାଲ ଠାର କାଲ ମା ଜାଣେ' ନ୍ୟାୟରେ କମିଟି ମଧ୍ୟ ସରକାରଙ୍କ ଏହି ଇସାରାକୁ ବେଶ୍ ଅନ୍ତସ୍ଥ କରିନେଲେ, ଯାହାକି କମିଟି ତାଙ୍କ ଅନୁଧ୍ୟାନର ଉଦ୍ଦେଶ୍ୟ ବୟାନ କରିବାକୁ ଯାଇ ବେଶ୍ ନିଖୁଣ ଭାବେ ପ୍ରକାଶ କରିଛନ୍ତି – "ଗତ ପଚାଶ ବର୍ଷ ଧରି ହୀରାକୁଦ ଜଳଭଣ୍ଡାର ବନ୍ୟା ନିୟନ୍ତ୍ରଣ, ଜଳସେଚନ, ବିଜୁଳି ଉତ୍ପାଦନ ଏବଂ ଅନ୍ୟାନ୍ୟ ବ୍ୟବହାର ପାଇଁ ଫଳପ୍ରଦ ଭାବେ କାର୍ଯ୍ୟକ୍ଷମ ରହିଆସିଛି । ଏହି ଅଞ୍ଚଳରେ ସୁଲଭ୍ୟ ହେଉଥିବା ପ୍ରଚୁର ମୌଳିକ ପ୍ରାକୃତିକ ସଂପଦ ତଥା ଏବେ ଦେଖା ଦେଇଥିବା ଶିଳ୍ପାୟନର ଅଫୁରନ୍ତ ସୁଯୋଗ ପରିପ୍ରେକ୍ଷୀରେ ଶିଳ୍ପସଂସ୍ଥାମାନଙ୍କ ପାଇଁ ହୀରାକୁଦ ଜଳଭଣ୍ଡାରରୁ ପାଣିର ଆବଶ୍ୟକତା ବେଶ୍ ବୃଦ୍ଧି ପାଇଛି ।" (ଅନୁଚ୍ଛେଦ- ୧.୪.୧) । କମିଟି ତାଙ୍କର ସୁପାରିଶ୍ ଅଧ୍ୟାୟରେ ଚାଷୀମାନଙ୍କର ଜଳସେଚନ ସମସ୍ୟାକୁ କେବଳ ଯେ ପୁରାପୁରି ପୋଛି ଦେଇଛନ୍ତି, ତାହାନୁହେଁ, ଚାଷୀମାନେ ଜଳସେଚନ ପାଇଁ ହୀରାକୁଦ ଜଳଭଣ୍ଡାରରୁ ଅଧିକ ପାଣି ଟାଣି ନେଉଛନ୍ତି ବୋଲି ପାଲଟା ଅଭିଯୋଗ କରିଛନ୍ତି, ଯଥା- "ଏହା ଲକ୍ଷ୍ୟ କରାଯାଉଛି ଯେ, ଜଳସେଚନ ପାଇଁ ଯେଉଁ ସର୍ବାଧିକ ପରିମାଣର ପାଣି ବ୍ୟବହାର ହେବା କଥା, ତାହାଠାରୁ ଢେର୍ ବେଶୀ ପାଣି (ଅନ୍ତତଃ ଶତକଡା ୨୦) ବ୍ୟବହାର ହୋଇଚାଲିଛି । . . . ଜଳ- ଉପଯୋଗକୁ ଯଥୋଚିତ ଢଙ୍ଗରେ ପରିଚାଳନା କରିବା ଏବଂ ଆଧୁନିକ ପ୍ରଯୁକ୍ତି-ବିଜ୍ଞାନର ପ୍ରୟୋଗ ଦ୍ୱାରା ସେଚ ପାଇଁ ବର୍ତ୍ତମାନ ଆବଶ୍ୟକ ପଡୁଥିବା ଜଳର ପରିମାଣକୁ ବେଶ୍ କମେଇ ଦେଇହେବ ।" (ଅନୁଚ୍ଛେଦ ୬.୧.୩) । ସୁତରାଂ ଚାଷୀମାନଙ୍କର ଜଳସେଚନ ସମସ୍ୟାକୁ ସମାଧାନ କରିବା ପାଇଁ ହୀରାକୁଦ ଜଳଭଣ୍ଡାରର କି ସଂସ୍କାର ଆବଶ୍ୟକ, ତାହା ଉପରେ ଉଚ୍ଚସ୍ତରୀୟ କମିଟିଙ୍କର ମୋଟେ ପ୍ରାଧାନ୍ୟ ନଥିଲା, ବରଂ ସେ ସମସ୍ୟାକୁ ଗୌଣ ଓ ନଗଣ୍ୟ କରି ଦର୍ଶାଇବା ସହିତ ଶିଳ୍ପ-ସଂସ୍ଥାଗୁଡିକୁ ଜଳ-ଯୋଗାଣ ଉପରେ ଅଗ୍ରାଧିକାରକୁ ସାବ୍ୟସ୍ତ କରିବା ଥିଲା କମିଟିଙ୍କର ମୂଳ ପ୍ରୟାସ ।

### କମିଟି କେମିତି ଚାଷୀଙ୍କୁ ଭେଟିଲେ ?

ଯଦିଓ ପ୍ରସଙ୍ଗ-ସୂଚୀର ପ୍ରଥମ ଓ ଶେଷ ବିନ୍ଦୁ ହେଉଛି, ଚାଷୀସଂଗଠନ ଓ ପାଣିପଞ୍ଚାୟତମାନଙ୍କ ସହ ବ୍ୟାପକ ଆଳାପ-ଆଲୋଚନା କରି ସେମାନଙ୍କ ଦ୍ୱାରା ଉତ୍‌ଥାପିତ ପ୍ରଶ୍ନର ମୀମାଂସା କରିବା, କମିଟିଙ୍କ ନିଜ ବିବରଣୀ ଅନୁଯାୟୀ ସେ କୌଣସି ପାଣିପଞ୍ଚାୟତକୁ ଗସ୍ତ କରିନାହାନ୍ତି କି କୃଷିକ୍ଷେତ୍ର ଉପରେ କୌଣସି ଚାଷୀଙ୍କୁ ସାକ୍ଷାତ କରି ସେମାନଙ୍କର ସମସ୍ୟା ବୁଝିନାହାନ୍ତି । କେବଳ ମାତ୍ର ଥରେ, ଜମାଦାରପଲ୍ଲୀ ଡାକବଙ୍ଗଳାରେ ୨୦ ଜୁଲାଇ ୨୦୦୭ରେ କେତେକ ବିଶିଷ୍ଟ ନାଗରିକ ଓ ଚାଷୀନେତାଙ୍କୁ ଏକ ବୈଠକରେ ଭେଟିଛନ୍ତି ଓ ସେମାନଙ୍କ ବକ୍ତବ୍ୟ ଶୁଣିଛନ୍ତି । ଏହି ବୈଠକର ବିବରଣୀ ରିପୋର୍ଟର ସଂଲଗ୍ନ ନଥି-ସି ମଧ୍ୟରେ ସନ୍ନିବେଶିତ ହୋଇଛି । କମିଟି ତାଙ୍କର ମୋଟ ଦେଢମାସର କାର୍ଯ୍ୟକାଳ (୧ ଜୁଲାଇ-୧୫ଅଗଷ୍ଟ) ଭିତରେ ଏହି ଅନୁଧ୍ୟାନ ପାଇଁ ୩ଥର ଗସ୍ତ କରିଛନ୍ତି ଏବଂ ମୋଟ ୧୩ ଦିନ ସମୟ ଦେଇଛନ୍ତି ଏବଂ ସେଥିମଧ୍ୟରୁ ମାତ୍ର ଅଧଓଳି ସମୟ ଉପରୋକ୍ତ ଚାଷୀ-ନାଗରିକ ବୈଠକ ପିଛା ବ୍ୟୟ କରିଛନ୍ତି । କମିଟିଙ୍କର ବକ୍ତବ୍ୟ ଅନୁଯାୟୀ ବାକୀ ସମୟ ସେ ସରକାରୀ ଅଧିକାରୀ ଓ ଯନ୍ତ୍ରୀମାନଙ୍କ ଗହଣରେ ବିତାଇଛନ୍ତି ଓ ସେମାନଙ୍କ ଠାରୁ ସଂଗୃହୀତ ସୂଚନା ଉପରେ ହିଁ ତାଙ୍କର ଏହି ରିପୋର୍ଟ ଆଧାରିତ (ଅନୁଚ୍ଛେଦ ୧.୪.୨) । ଚାଷୀ-ନାଗରିକ ବୈଠକରେ ଯେଉଁସବୁ ପ୍ରାସଙ୍ଗିକ ମତାମତ ଉପସ୍ଥାପିତ ହୋଇଥିଲା, ନିୟମ ଅନୁଯାୟୀ କମିଟି ସେସବୁକୁ ତାଙ୍କର ମୁଖ୍ୟ ବିବରଣୀରେ ସ୍ଥାନିତ କରି ତା' ଉପରେ ଆଲୋଚନା କରିବା କଥା । କିନ୍ତୁ କମିଟି ସେସବୁକୁ ନିର୍ବିଚାରରେ ଏଡାଇ ଯାଇଛନ୍ତି । ଉଦାହରଣ ସ୍ୱରୂପ,

ବକ୍ତାମାନଙ୍କର ପ୍ରସ୍ତାବ ଥିଲା, ପ୍ରଥମେ ହୀରାକୁଦ ବନ୍ଧର ମୁଖ୍ୟ ଉଦ୍ଦେଶ୍ୟ ଜଳସେଚନକୁ ସୁନିଶ୍ଚିତ କଲାପରେ ଶିଳ୍ପସଂସ୍ଥାମାନଙ୍କୁ ପାଣିଯୋଗାଇବା ସମ୍ବନ୍ଧରେ ନିଷ୍ପତ୍ତି ନିଆଯାଇପାରେ; ପୋତିହୋଇପଡୁଥିବା ଜଳଭଣ୍ଡାରକୁ ପୁନରୁଦ୍ଧାର କରାଯାଉ; ଶିଳ୍ପସଂସ୍ଥାଗୁଡିକୁ ଜଳଭଣ୍ଡାର ନିକଟରେ ପ୍ରତିଷ୍ଠା ନକରି ଦୂରରେ କରାଯାଉ; ଭୂଷଣ କମ୍ପାନୀ ଭଳି ଶିଳ୍ପସଂସ୍ଥା, ଯେକି ନିଜେ ରାସ୍ତାନିର୍ମାଣ କରିବାକୁ ଯାଇ ଜଳଭଣ୍ଡାର ଭିତରେ ମାଟି ଗଦେଇଛି, ସେମାନଙ୍କୁ ହୀରାକୁଦ ଭିତରେ ପ୍ରଶ୍ରୟ ଦିଆ ନଯାଉ; ଶାସନ କେନାଲର ମୁହଁ ପର୍ଯ୍ୟନ୍ତ ଏକ ଚ୍ୟାନେଲ୍ ନିର୍ମାଣ କରାଯାଉ ଏବଂ ଇବ୍ ବିଦ୍ୟୁତ ପ୍ରକଳ୍ପ ଯୋଗୁଁ ଜଳଭଣ୍ଡାରର ମତ୍ସ୍ୟସଂପଦରେ ଶତକଡା ୫୦ ହ୍ରାସ ଘଟିଥିବାର ଆଶଙ୍କାକୁ ଅନୁସନ୍ଧାନ କରାଯାଉ ତଥା ସର୍ବୋପରି ହୀରାକୁଦ ଯୋଗୁଁ ବାସଚ୍ୟୁତ ହୋଇଥିବା ପରିବାରମାନଙ୍କର ଥଇଥାନ କଲାପରେ ଏହାର ସୁବର୍ଣ୍ଣ ଜୟନ୍ତୀ ପାଳନ କରାଯାଉ । କିନ୍ତୁ କମିଟି ଚାଷୀ ଓ ନାଗରିକମାନଙ୍କର ଏହିସବୁ ଉଦ୍‌ବେଗକୁ ଚର୍ଚ୍ଚା ନକରି କେବଳ ସରକାରୀ ପରିସଂଖ୍ୟାନକୁ ଭିତ୍ତି କରି କହିଦେଲେ ଯେ, "ଜଳସେଚନ ପାଇଁ ପାଣିର ଅଭାବ ପଡିବ ବୋଲି କୌଣସି ଆଶଙ୍କା ସୃଷ୍ଟି ହେବା ଉଚିତ୍ ନୁହେଁ" (ଅନୁଚ୍ଛେଦ-୬.୧.୨) । ଏଠାରେ ଆମେ ସମସ୍ତେ ଜାଣି ରଖିବା ଉଚିତ୍ ଯେ, ଖୋଦ୍ ସରକାରୀ ଦଲିଲ୍ ହିଁ କହିଥାଏ, ଯେଉଁ ପରିମାଣର ଜମି ଜଳସେଚିତ ହେଉଛି ବୋଲି କାଗଜ କଲମରେ ଦର୍ଶାଯାଇଥାଏ, ତାହା ବାସ୍ତବତା ଠାରୁ ଅନେକ ବେଶୀ । ଓଡିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତରଫରୁ ପ୍ରକାଶ ପାଇଥିବା 'ଓଡିଶା ପରିବେଶ ରିପୋର୍ଟ-୨୦୦୬' ରେ ସ୍ୱୀକାର କରାଯାଇଛି ଯେ, ଯେତେ ଜମିକୁ ପାଣି ମଡୁଛି ବୋଲି ଦର୍ଶାଯାଇଛି, ବାସ୍ତବ ପକ୍ଷେ ତାହା ତୁଳନାରେ ଅତି କମ୍ ଜମିରେ ପାଣି ପହଞ୍ଚିଥାଏ (ଦ୍ରଷ୍ଟବ୍ୟ- ଅନୁଚ୍ଛେଦ ୩.୧.୧ ଓଡିଶା ପରିବେଶ ରିପୋର୍ଟ-୨୦୦୬) । ପୁଣି କମିଟି ପୋଥିଗତ ତଥ୍ୟକୁ ଆଧାର କରି ଧରି ନେଇଛନ୍ତି ଯେ, ପ୍ରତିବର୍ଷ ମୌସୁମୀ ଋତୁ ପରେ ଜଳଭଣ୍ଡାର ଜଳପୂର୍ଣ୍ଣ ରହିଥାଏ, ଯେଉଁ କାରଣରୁ ଶିଳ୍ପସଂସ୍ଥାମାନଙ୍କୁ ପାଣି ଯୋଗେଇଲେ ଜଳସେଚନ କ୍ଷତିଗ୍ରସ୍ତ ହେବ ନାହିଁ (ଅନୁଚ୍ଛେଦ ୩.୨.୫) । କିନ୍ତୁ ଆଉ ଜଣେ ବିଶେଷଜ୍ଞ ଇଂଜିନିଅର୍ ଶ୍ରୀ କରୁଣାକର ସୁପକାର, ପୂର୍ବତନ ମୁଖ୍ୟଯନ୍ତ୍ରୀ (ବିଦ୍ୟୁତ) ଉପରୋକ୍ତ ବୈଠକରେ ବାସ୍ତବ ଅଭିଜ୍ଞତାକୁ ଭିତ୍ତିକରି ଦର୍ଶେଇଥିଲେ ଯେ, ଗତ ୨୦ ବର୍ଷ ଭିତରେ ହୀରାକୁଦ ଜଳଭଣ୍ଡାର ମୌସୁମୀ ଅନ୍ତେ ଥରେ ମଧ୍ୟ ପରିପୂର୍ଣ୍ଣ ହୋଇନାହିଁ । କମିଟି ସୁପକାରଙ୍କ ଏହି ମତକୁ ଆଲୋଚନା ପରିସରକୁ ଆଣିନାହାନ୍ତି ।

## କମିଟି କେଉଁ ସମୟରେ ଅନୁଧ୍ୟାନ କଲେ ?

ଏହା ଏକ ସାଧାରଣ ଜ୍ଞାନ ଯେ, ଚାଷୀମାନେ ମୌସୁମୀ ଋତୁ ଅନ୍ତେ, ଅର୍ଥାତ୍ ଅକ୍ଟୋବରରୁ ମେ ମାସ ଭିତରେ ରବି ଫସଲ ପାଇଁ ଜଳସେଚନର ସମସ୍ୟା ଅନୁଭବ କରିଥାନ୍ତି । ସେହି ସମୟରେ କେନାଲ୍‌ରେ ପାଣି ନଥିଲେ ମରୁଡି ପଡିଥାଏ । ଯଦି କମିଟି ସେହି ସମୟରେ ଗାଁଗଣ୍ଡାକୁ ଯାଇ ନିଜ ଆଖିରେ ପରିସ୍ଥିତି ଦେଖିଥାନ୍ତେ ଓ ଚାଷୀମାନଙ୍କ ସହ କଥାବାର୍ତ୍ତା କରିଥାନ୍ତେ, ତେବେ ସେ ବାସ୍ତବ ସମସ୍ୟା ଅନୁଭବ କରିପାରିଥାନ୍ତେ । କିନ୍ତୁ ସରକାର କମିଟିକୁ ଜୁନ୍ ଶେଷରେ ମୁତୟନ କଲେ ଏବଂ କମିଟି ଜୁଲାଇ ପହିଲାରୁ ଅଗଷ୍ଟ ୧୫ ଭିତରେ ତାଙ୍କର ଅନୁଧ୍ୟାନ ସମ୍ପାଦନ କଲେ । ଏହା ଏକ ଜଣାଶୁଣା କଥା ଯେ, ସେହି ସମୟରେ ପଶ୍ଚିମ ଓଡିଶା ସମେତ ସାରା ରାଜ୍ୟରେ ବନ୍ୟାର ପ୍ଲାବନ ଛୁଟୁଥିଲା । ହଁ, ଯଦି କମିଟି ବନ୍ୟା ନିୟନ୍ତ୍ରଣରେ ହୀରାକୁଦର ଭୂମିକା ଅନୁଧ୍ୟାନ କରିବାକୁ ଆସିଥାନ୍ତେ, ତେବେ ସେହି ସମୟ ଉପଯୁକ୍ତ ଥିଲା । କିନ୍ତୁ କମିଟି ଆସିଥିଲେ ତିରୋଟି ସମୟରେ ହୀରାକୁଦ ପାଣି କେନାଲ୍ ଗୁଡିକର ଶେଷମୁଣ୍ଡରେ ପହଞ୍ଚୁଛି କି ନାହିଁ, ତାହା ଅନୁଧ୍ୟାନ କରିବାକୁ । ବର୍ତ୍ତମାନ ପ୍ରଶ୍ନ ଉଠୁଛି, ସରକାର କେମିତି ବଢି ସମୟରେ ମରୁଡି ଅନୁଧ୍ୟାନ ପାଇଁ କମିଟିକୁ ପରାମର୍ଶ ଦେଲେ, ଏବଂ ଜେୟାଶୀଲନ୍‌ଙ୍କ ଭଳି ଜଣେ ପୁରୁଖା ଜଳ ବିଶେଷଜ୍ଞ-ପ୍ରଶାସକ ସରକାରଙ୍କ ଏଭଳି ଉଦ୍ଭଟ ପରାମର୍ଶକୁ ମାନିନେଲେ ?

## ଦ୍ୱୈତନୀତି ଆଉ କେତେ ଦିନ ?

ପରିସଂଖ୍ୟାନ-ଭରା ଜେୟାଶୀଲନ୍‌ଙ୍କ ରିପୋର୍ଟ କେହି ପଢିଥାନ୍ତୁ ବା ନଥାନ୍ତୁ , ପଶ୍ଚିମ ଓଡିଶାର ଚାଷୀ ସଂଗଠନମାନେ କିନ୍ତୁ ଏହାର ଅସଲ ସାରମର୍ମ ଆପେ ଆପେ ବୁଝିଗଲେ; ଯେଉଁଥି ପାଇଁକି ୩୦ହଜାରରୁ ଉର୍ଦ୍ଧ୍ୱ ଚାଷୀ ନଭେମ୍ବର ୭ରେ ପୋଲିସ୍‌ର ଅବରୋଧ ଏବଂ ଲାଠିମାଡକୁ ଭ୍ରୁକ୍ଷେପ ନକରି ହୀରାକୁଦର ନିଷିଦ୍ଧାଞ୍ଚଳରେ ଶାନ୍ତିପୂର୍ଣ୍ଣ ସତ୍ୟାଗ୍ରହ ପ୍ରଦର୍ଶନ କଲେ ଏବଂ ଏହାର କିଛିଦିନ ପରେ ଜଳଭଣ୍ଡାର ପାର୍ଶ୍ୱରେ ଇଟାସିମେଣ୍ଟର ଏକ ପ୍ରାଚୀର, 'ଚାଷୀ ରେଖା' ନିର୍ମାଣ କଲେ ଏବଂ ସତର୍କବାଣୀ ଶୁଣେଇଦେଲେ ଯେ, ଏହାକୁ ଟପି କୌଣସି ଶିଳ୍ପସଂସ୍ଥାର ପାଇପ୍ ଲାଇନ୍ ବସି ପାରିବ ନାହିଁ ! କିନ୍ତୁ ରାଜ୍ୟ ସରକାର ପୁଣି ନିଜର ଚିରାଚରିତ କୌଶଳ ଅବଲମ୍ବନ କଲେ । ମୁଖ୍ୟମନ୍ତ୍ରୀ ଚାଷୀମାନଙ୍କ ଉପରେ ଲାଠିମାଡ ସକାଶେ ଦୁଃଖ ପ୍ରକାଶ କରିବା ସହିତ ପ୍ରତିଶୃତି ଦେଲେ, ଜଳସେଚନ ପାଇଁ ଉଦ୍ଦିଷ୍ଟ ପାଣିରୁ ଟୋପାଏ ସୁଦ୍ଧା ଶିଳ୍ପସଂସ୍ଥାକୁ ଦିଆଯିବନି । ଏକଥା ସେ ତ ମୌଖିକ ଭାବେ କହିଲେ, କିନ୍ତୁ ସେ ବିଭିନ୍ନ ଶିଳ୍ପ କମ୍ପାନୀମାନଙ୍କୁ ରାଜ୍ୟର ଜଳଭଣ୍ଡାର ଓ ଆନିକଟଗୁଡିକରୁ ପାଣି ଯୋଗାଇ ଦେବେ ବୋଲି ଯେଉଁ ଲିଖିତ ଚୁକ୍ତିନାମା କରିଛନ୍ତି, ସେସବୁ କ'ଣ ପ୍ରତ୍ୟାହାର ହୋଇଗଲା  ? ଉଦାହରଣ ସ୍ୱରୂପ, ପୋସ୍କୋ ସହିତ ଚୁକ୍ତିନାମାର ୭ମ ଅନୁଚ୍ଛେଦରେ କୁହାଯାଇଛି ଯେ, ସରକାର କଟକର ଜୋବ୍ରାସ୍ଥିତ ମହାନଦୀ ଆନିକଟରୁ ପାଇପ୍‌ଲାଇନ୍ ମାଧ୍ୟମରେ ଜଟାଧାର ମୁହାଣରେ ପ୍ରତିଷ୍ଠିତ ହେବାକୁ ଥିବା ପୋସ୍କୋ ପ୍ରକଳ୍ପକୁ ପାଣି ଯୋଗାଇଦେବେ । କେବଳ ସେତିକି ନୁହେଁ, ପୋସ୍କୋ ପ୍ରସ୍ତୁତ 'କ୍ଷିପ୍ର ପାରିବେଶିକ ପ୍ରଭାବ ଅନୁଧ୍ୟାନ ବିବରଣୀର ସାରାଂଶ'ର ଅନୁଚ୍ଛେଦ-୨୨ରେ ନିର୍ଦ୍ଦିଷ୍ଟ ଭାବେ ସୂଚୀତ ହୋଇଛି ଯେ, କଟକର ମହାନଦୀ ଆନିକଟରୁ ଜଟାଧାର ମୁହାଣ ପର୍ଯ୍ୟନ୍ତ ୮୬ କିଲୋମିଟର ଏକ ପାଇପ୍ ଯୋଗେ ଦୈନିକ ୧୦ ନିୟୁତ ଗ୍ୟାଲନ୍ ପାଣି ସରବରାହ କରାଯିବ । ଆହୁରି ବିଚିତ୍ର କଥା ହେଉଛି, କମ୍ପାନୀ  ବର୍ଷକୁ ୧୦ ନିୟୁତ ଗ୍ୟାଲନ୍ ପାଣି ଦରକାର କରୁଥିବା ବେଳେ ରାଜ୍ୟସରକାରଙ୍କ ଜଳସମ୍ପଦ ବିଭାଗ ପ୍ରାଥମିକ ପର୍ଯ୍ୟାୟରେ ଏହାର ଦେଢଗୁଣାରୁ ଅଧିକ ପାଣି, ଅର୍ଥାତ୍ ୧୬.୬ ନିୟୁତ ଗ୍ୟାଲନ୍ ପାଣି ଯୋଗାଇବା ପାଇଁ ଅନୁମତି ଦେଇସାରିଛନ୍ତି ବୋଲି ଉପରୋକ୍ତ ପୋସ୍କୋ ଦଲିଲ୍‌ରେ ସୂଚୀତ ହୋଇଛି । ବର୍ତ୍ତମାନ ରାଜ୍ୟ ସରକାରଙ୍କ ନୀତିଗୁଡିକରେ କିପରି ଚାଷ ଓ ଜଳସେଚନ ପ୍ରାଧାନ୍ୟ ହରାଇ ବସିଛି, ତାହାର ଆଉ ଏକ ନମୁନା ହେଲା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡଙ୍କ ଦ୍ୱାରା ପ୍ରକାଶିତ 'ଓଡିଶା ପରିବେଶ ବିବରଣୀ-୨୦୦୬'ର ଏହି ଉକ୍ତିଟି- "ବର୍ତ୍ତମାନ ଜଳସମ୍ପଦର ସବୁଠୁଁ ବଡ ଉପଭୋକ୍ତା ହେଉଛି କୃଷି । ଜଳସମ୍ପଦର ପ୍ରାୟ ଶତକଡା ୫୦ରୁ ୬୦ ଭାଗ ଜଳସେଚନରେ ବ୍ୟବହୃତ ହୋଇଯାଉଛି । ଅନ୍ୟାନ୍ୟ ମୌଳିକ ଆବଶ୍ୟକତାଗୁଡିକୁ ମେଣ୍ଟାଇବା ପାଇଁ ଆମକୁ ଏହି ପରିମାଣକୁ ହ୍ରାସ କରିବାକୁ ପଡିବ" । (ଦ୍ରଷ୍ଟବ୍ୟ- ଅନୁଚ୍ଛେଦ ୫.୪.୧) ।

## ପ୍ରକୃତ ବୈଷୟିକ ଜ୍ଞାନ କେଉଁଠି ଅଛି ?

ହୀରାକୁଦ ଉଚ୍ଚସ୍ତରୀୟ ବୈଷୟିକ କମିଟିରେ ଅଧ୍ୟକ୍ଷ ଜେୟାଶୀଲନ୍‌ଙ୍କ ଛଡା ଆଉ ୩ଜଣ ସଭ୍ୟ ଥିଲେ, କିନ୍ତୁ ଏମାନେ ସମସ୍ତେ ପଦସ୍ଥ ସରକାରୀ ଯନ୍ତ୍ରୀ । କିନ୍ତୁ ବିଜ୍ଞାନ ନିଜେ କୁହେ, ଯେ କୌଣସି ସମ୍ପଦର ଉପଯୋକ୍ତା ମଧ୍ୟ ସଂପୃକ୍ତ ବିଷୟରେ ବିଶେଷ ଜ୍ଞାନର ଅଧିକାରୀ ହୋଇଥାଏ । ତେଣୁ ଭବିଷ୍ୟତରେ ଜଳସମ୍ପଦ ଉପରେ ଅନୁଧ୍ୟାନ କରିବା ପାଇଁ ଯଦି କୌଣସି ବୈଷୟିକ କମିଟି ଗଠିତ ହୁଏ, ତେବେ ସେଥିରେ ଚାଷୀସଂଗଠନମାନଙ୍କର ପ୍ରତିନିଧିଙ୍କୁ ସଭ୍ୟରୂପେ ନିଆଯିବ ବୋଲି ସରକାର ନୀତିଗତ ଭାବେ ଘୋଷଣା କରିବା ବାଂଛନୀୟ ।

**Chitta Behera, 4A Jubilee Tower, Choudhury Bazar, Cuttack-9, Mobile: 9437577546, 20 Dec. 2007**